


**ଆ**କାଶର ଘନ ନୀଳିମାକୁ ଅନିଷାକରି ବସିଥାନ୍ତି ମଧୁଛନ୍ଦା ଅନ୍ୟମନସ୍କ ଭାବରେ । ଜୀବନର ଚଲାପଥରେ ୨୮ଟି ମାଇଲଖୁଣ୍ଟ ଅତିକ୍ରମ କରି ଆସିଥିବା ମଧୁଛନ୍ଦା, ଆଜି ବଂଚିବାର ମାନେ ନେଇ ଦ୍ୱନ୍ଦ୍ୱରେ ପଡ଼ି ଯାଇଛନ୍ତି । ସେ ସନ୍ଦିହାନ ହୋଇ ଉଠିଛନ୍ତି ଯେ ଅନେକ ସ୍ୱପ୍ନିଳ ସୌଧ ଗଢ଼ିଥିବା ସେଇ ଝିଅଟି ଯେ କଲେଜରେ ଇଂରାଜୀ ଏମ୍.ଏ. ପଢ଼ିବା ବେଳେ ଅନେକ ଅତିମାନବୀୟ ଚରିତ୍ର ବିଶ୍ଳେଷଣ କରି, ମଣିଷକୁ ପ୍ରେମ କରିବାର ପରିକଳ୍ପନା କରି ବସିଥିଲା, ସେ ଆଜି ପ୍ରବଞ୍ଚନା ତଥା ପ୍ରତାରଣାର ପ୍ରବହମାନ ନଦୀ ସ୍ରୋତରେ ଭାସି ଯିବାକୁ ବସିଛି । ନଦୀ ଓ ନାରୀ ଦୁଇଟି ବେଗବତୀ ପରିକଳ୍ପନାର କଠିନତମ ଅନୁଶୀଳନ । ପ୍ରବହମାନ ରୂପଟା ଦୁହିଁଙ୍କ ଠାରେ ମୂର୍ତ୍ତିମନ୍ତ ଏବଂ ବିଶ୍ୱାସନୀୟତାର ଅଭାବ ଦୁହିଁଙ୍କଠାରେ ପ୍ରକଟିତ ।

ମଧୁଛନ୍ଦା ଭାବି ଚାଲିଛନ୍ତି ଅନେକ ସୁଦୂର ଅତୀତକୁ ନେଇ । କୌଣସି ଏକ ଅଳସ ଅପରାହ୍ନର ଅଭାବନୀୟ ମୁହୂର୍ତ୍ତରେ ତାଙ୍କର ସାକ୍ଷାତ ହୁଏ ଆକାଶଙ୍କ ସହିତ । ଆକାଶ ଚତୁର୍ଥ ବର୍ଷ ମେଡିକାଲ୍‌ର ଛାତ୍ର । ଦୁଇଟି ପ୍ରବହମାନ ଧାରା ସେମାନଙ୍କର ମିଳନରେ ଗୋଟିଏ ବଡ଼ ନଦୀର ସୃଷ୍ଟି କଲା ପରି, ଏଇ ମାନସିକତାର ଦୁହେଁ ଦୁହିଁଙ୍କୁ ଆବିଷ୍କାର କରି ବସିଲେ, ଆନ୍ତଃ ବିଶ୍ୱବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା ଅବସରରେ ।

ଦୁହିଁଙ୍କ ଠାରେ ଥିବା ପ୍ରଗଳ୍ଭତା ବୋଧେ ଦୁହିଁଙ୍କୁ ପ୍ରଥମ ସାକ୍ଷାତରେ ନିକଟତର କରି ପାରିଥିଲା । ଦୃଶ୍ୟ ଓ ଶ୍ରାବ୍ୟ ହଲ୍ ମଧ୍ୟରେ ଦୁହେଁ ଦୁହିଁଙ୍କୁ ପାଖରେ ପାଇ ଐକାନ୍ତିକତାକୁ ଭୁଲି ଯାଉଥିଲେ । ଆକାଶଙ୍କର ଓଜସ୍ୱିନୀ ବକ୍ତୃତା ଆଗରେ ହାରମାନି ଯାଇଥିଲେ ମଧୁଛନ୍ଦା । ଆକାଶ ବକ୍ତୃତା ପ୍ରତିଯୋଗୀମାନଙ୍କ ଗହଣରେ ପ୍ରଥମ ହୋଇ ଭାଇସ୍‌ଚାନ୍‌ସେଲର୍ କପ୍ ଉଠାଇବା ବେଳେ, ଶ୍ରୀରାମ ଚନ୍ଦ୍ର ମେଡିକାଲ୍ କଲେଜ ଯେତିକି ଗୌରବାନ୍ୱିତ ହୋଇଥିଲା, ତା'ଠାରୁ ଅଧିକ ଆନନ୍ଦିତ ହୋଇ ଉଠିଥିଲେ ମଧୁଛନ୍ଦା । ମଧୁଛନ୍ଦା ପ୍ରତିଯୋଗିତାରେ ନିଷ୍ଫଳ ହୋଇ ମଧ୍ୟ ମାନସିକ ଭାବରେ ନିଜକୁ ଗୌରବାନ୍ୱିତ ମନେ କରିଥିଲେ ଆକାଶଙ୍କ ସହିତ ପ୍ରଥମ ଦେଖାରେ ପ୍ରଥମ ପ୍ରେମର ସ୍ୱୀକୃତି ଯୋଗୁଁ । ସେ ଆକାଶଙ୍କ ହାତରେ ହାତ ରଖି କହି ଉଠିଲେ 'ଆକାଶ' ! ମୁଁ ହାରି ବି ଅନେକ ଗୌରବମଣ୍ଡିତା ହେବାପରି ଅନୁଭବ କରିପାରୁଛି । ତୁମର ଅନୁଭବରେ ମୋର ଜାଣିବାରେ ପ୍ରଶ୍ନବାଚୀ ଥାଇ ନ ପାରେ । ମୋର ଜିତିବାଟା ତୁମର ଏକାନ୍ତ ସାନ୍ନିଧ ଯୋଗୁଁ ସମ୍ଭବ ହୋଇ ପାରିଲା । ତୁମର ସାନ୍ନିଧ ବିନା ବୋଧେ ମୁଁ ଆଜିର ଗୌରବାନ୍ୱିତ ମୁହୂର୍ତ୍ତମାନଙ୍କର ଅଭାବନୀୟ ଅନୁଭୂତି ପାଇ ପାରି ନ ଥାନ୍ତି ।'' କହି ଉଠିଲେ ଆକାଶ ।

ମହାନଦୀରେ ଜଳର ଗଭୀରତାର ଥଳକୂଳ ନମିଳିବା ପରି, ସମୟର ସରହଦ ଏହା ମଧ୍ୟରେ ମଧୁଛନ୍ଦା ଓ ଆକାଶଙ୍କୁ ଆହୁରି ନିକଟତର କରି ପାରିଥିଲା । ବିବାହ ବନ୍ଧନୀର ମାନସିକତାରେ ଦୁହେଁ ମଗ୍ନ ଥିଲେ ଏବଂ ଉଭୟ ପରିବାରର କୌଣସି ସ୍ୱୀକୃତି ବିନା ବିବାହ ବନ୍ଧନରେ ଆବଦ୍ଧ ହେବାରେ ଚେଷ୍ଟିତ ଥିଲେ । ହଠାତ୍ ସେ ନଦୀରେ ଭଟ୍ଟା ଆସିଗଲା ଯେତେବେଳେ ଆକାଶଙ୍କର ରକ୍ଷଣଶୀଳ ବାପା କହି ବସିଲେ ପାଞ୍ଚଲକ୍ଷ ଟଙ୍କାର ଯୌତୁକ ବିନା ଏ ବିବାହ ସମ୍ଭବ ନୁହେଁ । ଆକାଶଙ୍କର ବାପାଙ୍କ ଆଗରେ ପ୍ରତିବାଦ କରିବାର କୌଣସି ଅବକାଶ ନଥିଲା । ମଧୁଛନ୍ଦାଙ୍କର ଅନିଚ୍ଛା ସତ୍ତ୍ୱେ ତାଙ୍କ ବାପା ଟଙ୍କାର ଆୟୋଜନ କରି ଗୋଟିଏ ଡାକ୍ତର ଜ୍ୱାଇଁ ପାଇବାର ମାନସିକତାରେ ସମ୍ମତି ପ୍ରକାଶ କଲେ ଏବଂ ଦୁଇଟି ଆତ୍ମାର ମିଳନ ସମ୍ଭବପର ହୋଇ ପାରିଲା ଯଦିଓ ଦୁଇଟି ମନରେ ପ୍ରଥମ ଫାଟ ସୃଷ୍ଟିର ବୀଜ ବପନ କରାଗଲା ।

ପ୍ରେମ ମାନେନା ପାରିବାରିକ ବନ୍ଧନ, ମାନେନା ଉଚ୍ଚ ନୀଚ ଭେଦଭାବର ଅଭିଧାନ ଅଧ୍ୟୟନ, ଆଉ ମାନେନା ଧନୀ ନିର୍ଦ୍ଧନର ବାଛ ବିଚାର । ଏପରି ଚିନ୍ତାଧାରାର

ଏକ ଶିକ୍ଷିତା ଝିଅକୁ ବଡ଼ ଧକ୍କା ହୁଏ ଆକାଶଙ୍କର ପାରିବାରିକ ଚିନ୍ତାଧାରର ଅନୁଶୀଳନରେ । ଆକାଶ ଯେ ପରୋକ୍ଷ ଭାବରେ ଏଥିପାଇଁ ଉତ୍ସୁକତା ଦେଖାଇ ନ ଥିଲେ ସେପରି ନୁହେଁ । ମଧୁଛନ୍ଦା କହି ବସିଲେ, ଆକାଶ ! ସ୍ୱାମୀ ଓ ସ୍ତ୍ରୀ ଆମେ ପରେ ହେଲେ । ପ୍ରଥମେ ପ୍ରେମିକ ପ୍ରେମିକା ଭାବରେ ଯେଉଁ ବିଚାରଧାରା ଆମ ଭିତରେ ପ୍ରବହମାନ ଥିଲା, ତା'ର ପ୍ରଥମ ପ୍ରତିରୋଧ କରି ସାମାଜିକ ଚଳଣିର ସମ୍ମାନବୋଧ ଉପରେ ତୁମେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କଲ ନାହିଁ କି ? ଯେପରି ତୁମେ ଏକ ଯୁପପଶୁ ପାଲଟିଗଲ ତୁମର ପାରିବାରିକ ଆବର୍ଜନାମୟ ଯଜ୍ଞରେ । ତୁମେ ବି ତ ତା'ର ବିରୋଧ କରି ପାରିଥାନ୍ତ ତୁମ ସାମାଜିକ ପ୍ରତିଷ୍ଠାର ଦ୍ୱାହି ନ ଦେଇ । ତୁମ ବାପା ଅଡ଼ି ବସିଲେ "ମୁଁ ଆକାଶକୁ ଲକ୍ଷ ଲକ୍ଷ ଟଙ୍କା ପାଣିପରି ବୁହାଇ ଦେଇ ଡାକ୍ତର କରି ଗଢ଼ି ତୋଳିଛି । ପ୍ରେମର ମାନେଫାନେ ମୁଁ ବୁଝେନା । ସାମାଜିକ ଚଳଣୀରେ ଯେପରି ଏକ ଜ୍ୱାଇଁର ଇଜ୍ଜତ୍ କରାଯିବା କଥା ସେପରି ହେବା ବିଧେୟ" । ମଧୁଛନ୍ଦା ସେଦିନ ବାପାଙ୍କୁ କହିଥିଲେ, ବାପା ! ଝିଅଟା ଗୋଟାଏ ପରିବାରର ପଣ୍ୟ ନୁହେଁ ଯାହାକୁ ନେଇ ବ୍ୟବସାୟ କରାଯିବ । ତା'ଛଡ଼ା ଏ ପ୍ରକାର ପରିବେଷ୍ଟନୀରେ ମୁଁ ପାଳିତ ନୁହେଁ, ମୋର ଏପରି କୌଣସି ପ୍ରତିଷ୍ଠା ନାହିଁ ବୋଲି ନୁହେଁ ଯେ, ଜଣେ ଡାକ୍ତର ପାଇବା ପାଇଁ ଆମର ଏତେବଡ଼ ସାମାଜିକ ତ୍ୟାଗ ଦରକାର । ମୁଁ ଚାହେଁନା ଏ ପ୍ରକାର ସାମାଜିକ ଚଳଣି ।

ଅନେକ ବୁଝାସୁଝା ପରେ ବିବାହ ତ ହୋଇଗଲା ମାତ୍ର ଦୁଇଟି ହୃଦୟରେ ଯେଉଁ ଆତ୍ମୀୟତା ଥିଲା, ଯେଉଁ ନିବିଡ଼ତା ଥିଲା, ତାହା ଭବିଷ୍ୟତ ପାଇଁ ପ୍ରଶ୍ନବାଚୀ ହୋଇ ଉଠିଲା ।

ମଧୁଛନ୍ଦା କଟକର କୌଣସି ଏକ ପ୍ରତିଷ୍ଠାନରେ ଅଧ୍ୟାପିକା ଭାବରେ ଜଏନ୍ କରନ୍ତି ଏବଂ ଆକାଶ ମାଲକାନଗିରିରେ ସଦର ହସ୍ପିଟାଲରେ । ଆକାଶଙ୍କ ର ଇଚ୍ଛା ମଧୁଛନ୍ଦା ଚାକିରିର ମୋହ ତ୍ୟାଗକରି ଗାଁରେ କିମ୍ବା ତାଙ୍କ ପାଖରେ ମାଲକାନ୍‌ଗିରିରେ ରହନ୍ତୁ । ମାତ୍ର ମଧୁଛନ୍ଦାଙ୍କର ବିଚାରଧାରା ବିପରୀତମୁଖୀ ହୋଇଯାଏ । ସେ ଯୁକ୍ତି ବାଢ଼ିବସନ୍ତି ଯେ ଚାକିରି ଛାଡ଼ିବାର କୌଣସି ପ୍ରତିବନ୍ଧକ ତାଙ୍କ ପାଖରେ ନାହିଁ । ମାତ୍ର ରୋଜଗାରର ଏକ ପନ୍ଥା ସବୁଦିନ ପାଇଁ ବନ୍ଦ ହୋଇଯିବ ଏବଂ ଆଗାମୀ ଦିନ ପାଇଁ ମୋର ବୋଝ ତୁମକୁ ହିଁ ବହନ କରିବାକୁ ହେବ । ଆକାଶ ବୋଧହୁଏ ରାଜି ହୁଅନ୍ତି ଯେ ମଧୁଛନ୍ଦା ତାଙ୍କ ଘରେ ରହି ଚାକିରିର ଯତ୍‌ସାମାନ୍ୟ ଯତ୍ନ ନିଅନ୍ତୁ ।

ସମୟ କାହାକୁ ଅପେକ୍ଷା କରେ ନାହିଁ । ମଧୁଛନ୍ଦା ଇଚ୍ଛାକରି ସନ୍ତାନ ଧାରଣ ମାନସିକତା ରଖି ନଥାନ୍ତି । ତାଙ୍କ ଦୃଷ୍ଟିରେ ସନ୍ତାନ ପିତୃ ଓ ମାତୃ ମାନସର ଏକ ସ୍ୱଚ୍ଛ ରୂପାୟନ ହେବା ବିଧେୟ । ଯେତେବେଳେ ଦୁଇ ବିପରୀତଧର୍ମୀ ମାନସିକତା ପରସ୍ପର ବିପରୀତ ଦିଗରେ ପ୍ରବାହମାନ ନଦୀ ପରି ତୀବ୍ର ଧାବମାନ ଏବଂ ସେମାନଙ୍କର ମିଳନ କେବଳ ସାଗରରେ ହିଁ ସମ୍ଭବ, ତା' ପୂର୍ବରୁ ନୁହେଁ, ସେତେବେଳ ପର୍ଯ୍ୟନ୍ତ ପ୍ରତୀକ୍ଷା ହିଁ ଶ୍ରେୟସ୍କର ।

କୌଣସି ଏକ ଦୁର୍ବଳ ମୁହୂର୍ତ୍ତର ବଶବର୍ତ୍ତୀ ହୋଇ ମଧୁଛନ୍ଦା ଏବଂ ଆକାଶଙ୍କର ମିଳନ ଏକ ରୂପ ପାଇବାରେ ସଫଳ ହୁଏ । ମଧୁଛନ୍ଦା ଅନ୍ତଃସତ୍ତ୍ୱା ହୋଇ ଉଠନ୍ତି । ଆକାଶ ମଧୁଛନ୍ଦାଙ୍କ ଠାରୁ ଦୂରରେ ରହି ସୁଦୂର କୋରାପୁଟରୁ ଆସିବାର ମାନସିକତା ହରାଇ ବସନ୍ତି । ସେ ଖବର ଦେଇଥିଲେ-'' ମଧୁ ! ବରଂ ତୁମେ ଘରେ ରୁହ ତୁମର ଦେଖାଚାହାଁ ପାଇଁ ।''

ପ୍ରତ୍ୟେକ ଶ୍ରାବଣ ମୁଖର ରାତ୍ରିରେ ବଜ୍ରର ପ୍ରତିଧ୍ୱନି ଶୁଣା ଯାଏନା ଏବଂ ଯେତେବେଳେ ବଜ୍ରର ପ୍ରତିଧ୍ୱନି ଶୁଣାଯାଏ, ବର୍ଷା ହୁଏତ ଅନେକ ହୋଇପାରେ, ନ ହୋଇ ପାରେ ମଧ । କାରଣ ''ଗରଜିଲା ମେଘ ବରଷେ ନାହିଁ '' । ଏପରି କୌଣସି ଏକ ମୁହୂର୍ତ୍ତରେ ଆକାଶ ମଧୁଛନ୍ଦାଙ୍କ ପିତ୍ରାଳୟ ତଥା ତାଙ୍କର ଶ୍ୱଶୁରାଳୟକୁ ଆସି ମଧୁଙ୍କର ବ୍ୟବହାରରେ କ୍ଷୁବ୍ଧ ହୋଇ ଉଠନ୍ତି ଏବଂ କହିବସନ୍ତି ମଧୁଛନ୍ଦା ! ତୁମର ମୋର ଏକାଠି ରହିବାର ପରିକଳ୍ପନା କେବଳ ପରିକଳ୍ପନାରେ ରହି ଯାଇପାରେ ।

ମଧୁଛନ୍ଦାଙ୍କ ଉପରେ ଯେପରି ବଜ୍ରପାତ ହୁଏ । ସେ ଯେ ଆକାଶଙ୍କର ଏକ ସ୍ଥାବର ସଂପତ୍ତି ତାଙ୍କ ଅନ୍ତଃସୁରକ୍ଷାରେ ରଖିଛନ୍ତି ଯିଏକି ଦିନର ସୂର୍ଯ୍ୟାଲୋକ ଦେଖିବା ପାଇଁ ପ୍ରତୀକ୍ଷାକରି ବସିଛି । କାଲି ସେ କାହାର ପରିଚିତି ନେଇ ସଂସାରରେ ଠିଆ ହେବ ? ମଧୁଛନ୍ଦା ଦିନ ଦିନ ଧରି ଆକାଶଙ୍କର ଏ ପ୍ରକାର ପତନୋନ୍ମୁଖୀ ଚିନ୍ତାଧାରାର ତର୍ଜମା କରି ବସନ୍ତି । ଏହାପରେ ଆକାଶ ବେଳେ ବେଳେ ତାଙ୍କର ଖବର ବୁଝିବାର ଅପଚେଷ୍ଟା କରିଛନ୍ତି ମାତ୍ର; ତା'ର ସୁଯୋଗ ମଧୁଛନ୍ଦା ଦେଇ ନାହାଁନ୍ତି ସ୍ତ୍ରୀ-ସୁଲଭ ଢଙ୍ଗରେ ଏବଂ କହି ବସନ୍ତି ଏ ଘରେ ତୁମ ପରି ଅଲୋଡ଼ା ମଣିଷର ଆବିର୍ଭାବ ହୁଏତ ପରିବାର ପ୍ରତି ଯେ କୌଣସି ଦୁର୍ଘଟଣା ଆଣି ଦେଇପାରେ । ଆକାଶ ଆଜି ଆକାଶ ପରି ଅନନ୍ତ ନୀଳିମାକୁ ଚାହିଁ ବିଗତ ଦିନର ସ୍ମୃତି ଚର୍ବଣ କରି ବସନ୍ତି ।

ବାପାଙ୍କର ସ୍ନେହ ଲାଳିତା ପାଳିତା କନ୍ୟାର ଏକ କନ୍ୟା ସଂତାନର ଜନ୍ମରେ ସାରା ପରିବାରରେ ଆନନ୍ଦରେ ଲହରୀ ଛୁଟିଯାଏ । ଝିଅର ଜନ୍ମ ଖବର ପାଇ ମଧ୍ୟ ଆକାଶ ସାମାନ୍ୟତମ ସୁଯୋଗ ନେଇ ତା'କୁ ଦେଖିବାର ପରିକଳ୍ପନା କରି ପାରି ନାହାନ୍ତି । ସେ ହୁଏତ ଚିନ୍ତା କରି ପାରନ୍ତି ମଧୁଛନ୍ଦାଙ୍କର ଜୀବନର ପରିଧିରୁ ସବୁଦିନ ପାଇଁ ଦୂରେଇ ଯିବା ପାଇଁ ।

ଗୋଟିଏ ରକ୍ଷଣଶୀଳ ଓଡ଼ିଆ ପରିବାରରେ ସ୍ୱାମୀ ଓ ସ୍ତ୍ରୀ ଏକାନ୍ତଭାବରେ ଏକାଠି ରହି ଜୀବନକୁ ଉପଭୋଗ କରିବାର ମାନସିକତା ରଖିବା ଉଚିତ । ମାତ୍ର ଆକାଶ ବୋଧହୁଏ ଆଜିଯାଏ ସେପରି କୌଣସି ଚେଷ୍ଟା ପ୍ରକଟ କରି ନାହାନ୍ତି । ଦୂରରେ ରହି ମଧୁଛନ୍ଦାଙ୍କର ଜୀବନଟା ଦଗ୍ଧୀଭୂତ ହେବାର ଦେଖିବାର ଅଭୀପ୍‌ସା ବୋଧହୁଏ ତାଙ୍କ ମନରେ ଜାଗରୁକ ହୋଇଛି । ମାତ୍ର ମଧୁଛନ୍ଦା ମାନସିକ ଭାବରେ ପ୍ରସ୍ତୁତ 'ଅଙ୍କିତା' ତାଙ୍କର ଏକମାତ୍ର ସୁକନ୍ୟାକୁ ନେଇ ଅବଶିଷ୍ଟ ରାସ୍ତାରେ ରଥ ଗଡ଼େଇନେବା ପାଇଁ । ସେ ଯେ ଏଇ ସମାଜରେ ସୃଷ୍ଟ, ଉଚ୍ଚ ଶିକ୍ଷିତା । ସମାଜର ପ୍ରତ୍ୟେକ ବିଭାବ ନେଇ ସେ ଯେ ସଦୈବ ଚିନ୍ତିତା । ସେ ଆକାଶଙ୍କୁ ନିଜର କରି ରଖିବାର ପ୍ରଚେଷ୍ଟା କରି ନାହାଁନ୍ତି ବୋଲି ନୁହେଁ । ସେ ଖବର ଦେଇଥିଲେ, ଆକାଶ ! ଜୀବନ ଡଙ୍ଗାଟା ହଠାତ୍ କେତେବେଳେ କେଉଁ ଅଜଣା ସ୍ରୋତରେ ପଡ଼ି ବୁଡ଼ିଯିବ, ତା'ର କିଛି ବିଚିତ୍ରତା ନାହିଁ । ତୁମର ପତନୋନ୍ମୁଖୀ ସମାଜରେ ଉପରକୁ ଉଠିବାର ପ୍ରଚେଷ୍ଟା କେବଳ ପ୍ରଚେଷ୍ଟାରେ ହିଁ ରହିଯିବ । ଯେତେବେଳେ ସେଇ ଡଙ୍ଗାଟା ଅତଳ ଭଉଁରୀର ଗୌହ୍ୱର ମଧ୍ୟରେ ଲୀନ ହେବାକୁ ବସିବ, ସେତିକି ବେଳେ ତୁମେ ତା'ର ସଦ୍‌ଗତି କାମନା ଅନୁରାଗ ତଥା ଅନୁଶୋଚନା ମଧ୍ୟରେ କରିପାର ।

ମନ ନଦୀ ଥରେ ଉଦ୍‌ବେଳିତ ହୋଇ ଉଠିଲେ କିନାରାର ତା'କୁ ଧରି ରଖିବାର ସମସ୍ତ ଚେଷ୍ଟା ବିଫଳ ହୁଏ । ଅନ୍ତରତମ ପ୍ରଦେଶର ସାମାନ୍ୟ ଉଦ୍‌ବେଳନ ହୁଏତ ତାର ପରିସ୍ଫୁଟନ ଘଟାଏ ମାନିବକ ଚିନ୍ତାଧାରାର ପ୍ରତ୍ୟେକ ସ୍ତରରେ । ମନ ଗହନର କାଚ ଝରକାରେ ଧରି ରଖିବାର ଜନ୍ମ ଯେତେବେଳେ ପରିସୀମା ଅତିକ୍ରମ କରି ଅନନ୍ତ ନୀଳିମା ଆଡ଼କୁ ଅଗ୍ରସର ହୁଏ, ତା'କୁ ପୁଣି ମୁକୁରରେ ଅବସ୍ଥାପିତ କରିବାର ପ୍ରଚେଷ୍ଟା ପ୍ରଚେଷ୍ଟାରେ ହିଁ ରହିଯାଏ ।

ସମୟ ମହାନଦୀର ଅନେକ ପାଣି ବହିଗଲାଣି । ମଧୁଛନ୍ଦାଙ୍କର ଆକାଶଙ୍କୁ ଛନ୍ଦିବାର ସମସ୍ତ ଚେଷ୍ଟାର ପରିସମାପ୍ତି ଘଟିଲାଣି । ଶେଷଧର ପାଇଁ ମଧୁଛନ୍ଦା ଡାକ୍ତର

ସ୍ୱାମୀଙ୍କୁ ଦେଖା କରିବାର ମାନସିକ ପ୍ରସ୍ତୁତି ନେଇ ସୁଦୂର ମାଲକାନ୍‌ଗିରି ଅଭିମୁଖରେ ଧାବମାନ ହୁଅନ୍ତି ।

ସମୟର ବ୍ୟବଧାନ ପ୍ରାୟତଃ ମନର ବ୍ୟବଧାନ ସହିତ ତାଳ ଦେଇ ଗତି କରିପାରେ । ଆକାଶ ମଧୁଛନ୍ଦାଙ୍କର ବ୍ୟବହାରରେ ହତବିମ୍ବ ହୋଇ ଉଠିଥିଲେ ଏବଂ କହିଲେ ମଧୁ ! ଆମର ରାସ୍ତା ତ ଦୁଇଟି ସମାନ୍ତରାଳ ରେଖା; ଯାହାର ମିଳନ ସର୍ବଥା ଅସମ୍ଭବ ଯେପରି, ଆମର ପରସ୍ପର ସମ୍ବନ୍ଧର ପୁନଃସ୍ଥାପନ ସେହିପରି ଅସମ୍ଭବ ମନେହୁଏ । ତୁମେ ଚାହିଁଲେ ''ଅଙ୍କିତା''କୁ ମୋତେ ଦେଇ ତୁମ ଜୀବନର ମହାର୍ଘ ମୂଲ୍ୟର ସଫଳ ରୂପାୟନ କରିପାର । ଅନେକ ଦିନ ତଳର କଥା ମନେପଡ଼େ ମଧୁ ! ଯେତେବେଳେ କଅଁଳ ପ୍ରେମର ମଧୁ ଆଶ୍ଳେଷରେ ଆମେ ବ୍ୟସ୍ତ ଥିଲେ, ତୁମେ ଏକ ନିଛକ ସତ୍ୟର ଅବତାରଣା କରିବାକୁ ଯାଇ କହିଥିଲ ଆକାଶ ! ଆମର ଗତି କେତେ ଦୂରତା ମଧ୍ୟରେ ସୀମିତ ହୋଇ ପାରିବ ? ତାର ପ୍ରତ୍ୟୁତ୍ତରରେ ମୁଁ କହିଥିଲି-' ଆଜିର ସଭ୍ୟତାରେ ଦୂରତା ଆଲୋକ ବର୍ଷରେ ମାପି ପରିପ୍ରକାଶିତ ହୁଏ, ସେତେବେଳେ ତୁମର ମୋର ବ୍ୟବଧାନ ନଗଣ୍ୟ ମାତ୍ର ମନରେ ଥରେ ବ୍ୟବଧାନ ସୃଷ୍ଟି ହେଲେ ତାହାକୁ ଆଲୋକବର୍ଷରେ ମଧ ମପାଯାଇ ନ ପାରେ । ତୁମେ ମୋର ନିଷ୍ଠା ନେଇ ସନ୍ଦେହୀ ହେବା ଅନୁଚିତ । ଭାବନାହିଁ ଯେ ଅନ୍ୟ ପ୍ରଣୟିନୀର ହାତରେ ହାତ ଦେଇ ମୋର ଅବଶିଷ୍ଟ ଜୀବନ ଅତିବାହିତ କରି ହେବ । ମାତ୍ର ମୋର ମନ ଆକାଶରେ ତୁମେ ଏକମାତ୍ର ଜହ୍ନ ଥିଲ, ଯାହାର ଜ୍ୟୋସ୍ନା ''ଅଙ୍କିତା'' ତୁମ ପାଖରେ ସଦୈବ ଶୀତଳ ଜ୍ୟୋସ୍ନା ବିକିରଣ କରି ଚାଲିବ । ତୁମେ ମୋ'ଠାରୁ ଯେ କୌଣସି ପ୍ରକାର ସାହାଯ୍ୟ ଭବିଷ୍ୟତରେ ଆଶା କରିପାର । ମନ ଫାଟିଲେ ଛୋପରା ହେଲାପରି ତୁମେ ଓ ମୁଁ ଦୁଇଟି ପ୍ରଶ୍ନବାଚୀର ଲମ୍ବାଧାଡ଼ି ମଧ୍ୟରେ ସୀମିତ ହୋଇ ରହିଯିବା ।'

''ମଧୁଛନ୍ଦା ! ଏ ପୃଥିବୀର ବର୍ଣ୍ଣିଳ ବିଭା ସମସ୍ତଙ୍କୁ ମୋହିତ କରେ । ଆମେ ଦୁହେଁ ଏହାର ବ୍ୟତିକ୍ରମ ନୁହଁନ୍ତି । ସାମୟିକ ଭାବରେ, ମୁହ୍ୟମାନ ଅତୀତର ଦ୍ୱାରଦେଶରେ କରାଘାତ କଲେ, ତାର ପ୍ରତିଧ୍ୱନି ଅସ୍ପଷ୍ଟ ହେଲେବି, ବାରି ହେବ । ସମାଜରେ ଜଣେ ପ୍ରତିଷ୍ଠାଶାଳୀ ତଥା ସ୍ୱନାମଧନ୍ୟା ଅଧ୍ୟାପିକା ଭାବରେ ତୁମର ଅନେକ ଖ୍ୟାତି ଅଛି । ଜଣେ ସୁଲେଖିକା ଭାବରେ ତୁମର ରସୋଦୀପ୍ତ ଲେଖା ଆଜି ବି ଜନମାନସରେ ଅଭାବନୀୟ କମ୍ପନ ସୃଷ୍ଟି କରିପାରେ । ତେଣୁ ଦୁଇଟି ପୃଥକ ବିଭାବର ଅସମାନ ଖଣ୍ଡକୁ ପରସ୍ପର ସହିତ ତୁଳନା କରିବାର ଚେଷ୍ଟା ଅପ୍ରାସଙ୍ଗିକ

ମନେ ହୁଏ । ଚାଲ ଆମେ ଅତୀତକୁ ପାଶୋରି ଦେବାର ସାମାନ୍ୟତମ ଚେଷ୍ଟା କରିବା ।''

ତା'ପରେ ମଧୁଛନ୍ଦା ଏକ ଭିନ୍ନ ଗତିପଥ ନେବାର ଚରମ ସଂକଳ୍ପ ନେଇ ଫେରି ଆସିଥିଲେ । ସେଦିନୁ ଆକାଶରେ ଅନେକ ଜହ୍ନର ଆବିର୍ଭାବ ଓ ତିରୋଭାବ ହୋଇ ଯାଇଥିବ । ଅନେକ ବର୍ଣ୍ଣବିଭା ନେଇ ସୂର୍ଯ୍ୟ ପ୍ରାଚୀ ଗଗନରେ ଉଦିତ ହୋଇ ପ୍ରତୀଚୀ ଗଗନରେ ଅସ୍ତ ହୋଇ ଯାଉଥିବ । ମାତ୍ର ଦୁଇଟି ବିପର୍ଯ୍ୟସ୍ତ ଜୀବନର ଚରମ ବିଡ଼ମ୍ବନା ମଧ୍ୟରେ, ଦୁଇଟି ପୃଥକ ବିଭାବ, ସେମାନଙ୍କର ପରିସମାପ୍ତି ଘଟାଇବାର ଚେଷ୍ଟାରେ ମଗ୍ନ, ଯାହାର ପରିବର୍ତ୍ତିତ ପରିକଳ୍ପନାର ବାସ୍ତବ ରୂପାୟନ କେବଳ ଏ ସମାଜ ଦେଖିପାରେ ।

